# ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ COVID-19 ଜୀବିକା ସର୍ଭେ

## ଓଡିଶା

ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ ସହିତ ସେଣ୍ଟର ଫର ଆଡଭୋକାସୀ ଏଣ୍ଡ ରିସର୍ଚ୍ଚ (CFAR) ଏବଂ ପ୍ରଦାନ ସହଯୋଗରେ COVID-19 ଜନିତ ଲକ୍ ଡାଉନ୍ ଦ୍ଵାରା ରୋଜଗାର, ଜୀବିକା ତଥା ସରକାରୀ ରିଲିଫ ସୁବିଧା ଉପରେ ପଡିଥିବା ପ୍ରଭାବ କୁ ଜାଣିବା ପାଇଁ ଏକ ବିସ୍ତୃତ ଫୋନ୍ ସର୍ଭେ ୫୦୩ ଉତ୍ତରଦାତାଙ୍କ ସହିତ କରାଯାଇଥିଲା ଏହି ଉତ୍ତର ଦାତାଙ୍କ ଚୟନ ଇଚ୍ଛାକୃତ ନମୁନା ଚୟନ ଭାବେ କରାଯାଇଥିଲା ଯେପରି ବିଭିନ୍ନ ଅଂଚଳ ଏବଂ କାର୍ଯ୍ୟର ବିଭିନ୍ନତା କୁ ସୁନିଶ୍ଚିତ କରିହେବ | ଏହି ନମୁନା ରାଜ୍ୟ କୁ ପ୍ରତିନିଧିତ୍ଵ କରେ ନାହିଁ |

ସମୁଦାୟ ୧୪ ଟି ଜିଲ୍ଲାରୁ ଚୟନ ହୋଇଥିବା ଉତ୍ତରଦାତାଙ୍କୁ ପ୍ରଶ୍ନ ପଚରାଯାଇଥିଲା | ଉପସ୍ଥାପନ ହୋଇଥିବା ତଥ୍ୟ ୨୨ ଏପ୍ରିଲ୍ ୨୦୨୦ ଠାରୁ ୧୫ ମଇ ୨୦୨୦ ତାରିଖ ମଧ୍ୟରେ ସଂଗ୍ରହ କରାଯାଇଥିଲା

ରାଜ୍ୟ ସ୍ତରୀୟ ସର୍ଭେ ର ଏହା ଏକ ଅଂଶବିଶେଷ | ଏହି ସମ୍ପର୍କିତ ତଥ୍ୟ cse.azimpremjiuniversity.edu.in ର ଡେସବୋର୍ଡ୍ ରେ ଉପଲବ୍ଧ |

## ଅନୁସନ୍ଧାନ ସିଦ୍ଧାନ୍ତ

**67%**
ସେମାନେ ଚାକିରୀ ହରାଇଥିବା ଜଣାଇଛନ୍ତି |

**80%**
କାଜୁଆଲ୍ ଶ୍ରମିକ ଏବଂ ସ୍ -ନିଯୁକ୍ତ ଅଣ କୃଷି ଶ୍ରମିକଙ୍କ ହାରାହାରି ରୋଜଗାରରେ ହ୍ରାସ |

**43%**
ପରିବାରର ଏକ ସପ୍ତାହ ମୂଲ୍ୟର ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ନଥିଲା |

**82%**
ପୂର୍ବ ଅପେକ୍ଷା କମ୍ ଖାଦ୍ୟ ଖାଉଥିବା ପରିବାରମାନେ ରିପୋର୍ଟ କରିଥିଲେ |

**89%**
ଅସୁରକ୍ଷିତ ପରିବାରଗୁଡିକ ରାସନ ଗ୍ରହଣ କରିଥିଲେ |

**25%**
ଅସୁରକ୍ଷିତ ପରିବାରଗୁଡିକ ଗୋଟିଏ ବି ନଗଦ ସ୍ଥାନାନ୍ତର ପାଇଲେ ନାହିଁ |

## ରିଲିଫ୍ ପଦକ୍ଷେପ ସମ୍ବନ୍ଧ ରେ ସଂକ୍ଷିପ୍ତ ବିବରଣୀ

ରିଲିଫ୍ ମାପ ସୂଚନା SMS ମାଧ୍ୟମରେ ଉତ୍ତରଦାତାଙ୍କୁ ସର୍ଭେ କରିବାକୁ ପଠାଯାଇଥିଲା |

**କେନ୍ଦ୍ରୀୟ ସ୍ତର**

* ଏପ୍ରିଲ୍ ଠାରୁ ଜୁନ ୨୦୨୦ ମଧ୍ୟରେ ପ୍ରତି ଦିବ୍ୟାଂଗ ଏବଂ ଅନ୍ତୋଦୟ ଅନ୍ନ ଯୋଜନା ଭୁକ୍ତ ପରିବାର ୫ କେଜି ଖାଦ୍ୟ ଶସ୍ୟ ପ୍ରତି ସଦସ୍ୟ ହିସାବରେ ଏବଂ ୧ କେଜି ଡାଲି ପ୍ରତି ମାସ ପ୍ରତି ପରିବାର ହିସାବରେ ବିନାମୁଲ୍ୟ ରେ ପାଇବେ | ଏହା ତାଙ୍କର ନିୟମିତ ପ୍ରାପ୍ୟ ରାସନ ଯାହା ବର୍ତ୍ତମାନ ପାଉଛନ୍ତି ତାହା ଠାରୁ ଅଲଗା ଭାବେ ପାଇବେ |
* ମହିଳା ଜନ ଧନ ଖାତା ହିତାଧିକାରୀ ୫୦୦ ଟଙ୍କା ପ୍ରତି ମାସ ଏପ୍ରିଲ୍ ଠାରୁ ଜୁନ୨୦୨୦ ମଧ୍ୟରେ ପାଇବେ |
* ପ୍ରଧାନମନ୍ତ୍ରୀ-କିଷାନ ଯୋଜନା (୨୦୦୦ ଟଙ୍କା) ର ଅନ୍ତିମ କିସ୍ତି ଏପ୍ରିଲ୍ ପ୍ରଥମ ସପ୍ତାହ ରେ ଦିଆଯିବ |

**ରାଜ୍ୟ ସ୍ତର**

* ପ୍ରତି ରାସନ କାର୍ଡ଼ ଧାରୀ ପରିବାର ଏକକାଳୀନ ୧୦୦୦ ଟଙ୍କା ପାଇବେ
* ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ରେ ହିତାଧିକାରୀ ଅଧିକ ୫ କେଜି ଚାଉଳ ପ୍ରତି ସଦସ୍ୟ ପ୍ରତି ମାସ ହିସାବରେ ତିନି ମାସ ବିନାମୁଲ୍ୟ ରେ ପାଇବେ |
* ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ରେ ହିତାଧିକାରୀ ୧ କେଜି ଚୋପା ରହିତ ହରଡ ଡାଲି ପ୍ରତି ପରିବାର ପ୍ରତି ମାସ ତିନି ମାସ ବିନାମୁଲ୍ୟ ରେ ପାଇବେ |
* ଆକସ୍ମାତ୍ ମୃତ୍ୟୁ କ୍ଷେତ୍ରରେ ଅଗ୍ରଆଧାଡି ଶ୍ରମିକଙ୍କ ପରିବାର ପାଇଁ ୫୦ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା
* ପଂଜିକୃତ ନିର୍ମାଣ ଭିତ୍ତିକ ଶ୍ରମିକ ଏକକାଳୀନ ୧୫୦୦ଟଙ୍କା ପାଇବେ |
* ପଂଜିକୃତ ରାସ୍ତାକଡ ବ୍ୟବସାୟୀ ଏକକାଳୀନ ୧୫୦୦ଟଙ୍କା ପାଇବେ |
* ଆଂଗନବାଡ଼ୀ ହିତାଧିକାରୀଙ୍କ ଘରପର୍ଯ୍ୟନ୍ତ ଟେକ୍ ହୋମ୍ ରାସନ ପହଂଚାଇ ଦିଆଯିବ |

ଉତ୍ସ: *covid19socialsecurity.wordpress.com/relief-measures*

# ସୁପାରିଶ

* ଜନ ବିତରଣ ପ୍ରଣାଳୀ କୁ ସମସ୍ତଙ୍କ ପାଖରେ ପହଂଚାଇବା ପାଇଁ ଏହାକୁ ସାର୍ବଜନୀନ କରିବା ଏବଂ ଘୋଷିତ ଅଧିକ ରାସନ ସୁବିଧା ଅତିକମରେ ୬ ମାସ ପାଇଁ ଯୋଗାଇଦେବା |
* ବ୍ୟାଙ୍କ ମାଧ୍ୟମରେ ଅତିକମରେ ୭୦୦୦ଟଙ୍କା ପ୍ରତି ମାସ ପ୍ରତି ହିତାଧିକାରୀ କୁ ଦୁଇ ମାସ ପର୍ଯ୍ୟନ୍ତ ପ୍ରଦାନ ର ବ୍ୟବସ୍ଥା |
* ବ୍ୟାଙ୍କ ମାଧ୍ୟମରେ ଅର୍ଥ ଯୋଗାଣ କୁ ପ୍ରସମିତ କରିବା ପାଇଁ ନରେଗା, ଉଜ୍ଜ୍ୱଲା ଯୋଜନା, ଜନ ବିତରଣ ପ୍ରଣାଳୀ ଏବଂ ଆଂଚଳିକ ପଂଜିକରଣ ତଥ୍ୟ ର ବ୍ୟବହାର କରିବା |
* ଜରୁରୀ ଭିତ୍ତିରେ ସହରାଂଚଳ ଗରିବଙ୍କ ପାଇଁ ମଧ୍ୟବର୍ତ୍ତି କାଳୀନ ଯୋଜନା ନିମନ୍ତେ ଧ୍ୟାନ ଦେବାକୁ ପଡିବ, କ୍ରିୟାନ୍ୱୀତ ପଦକ୍ଷେପ ସ୍ୱରୁପ ନରେଗା ର ବିସ୍ତାର, ସହରାଂଚଳ ନିଯୁକ୍ତି ଗ୍ୟାରେଣ୍ଟି ଏବଂ ସାଧାରଣ ମୌଳିକ ସୁବିଧା ନିମନ୍ତେ ପୁଞ୍ଜି ନିବେଶ ଆଦିର ଆବଶ୍ୟକତା ରହିଛି |

# ଜୀବିକା ଉପରେ ପ୍ରଭାବ

ଏହି ଅନୁଚ୍ଛେଦ ଦର୍ଶାଉଛି ଯେ ଲକ୍ ଡାଉନ୍ ଦ୍ୱାରା ଜୀବିକା ଏବଂ ଆୟ ଉପରେ କ'ଣ ପ୍ରଭାବ ପଡିଛି | ଆମେ ଲକ୍ ଡାଉନ୍ ଆରମ୍ଭ ଠାରୁ ରୋଜଗାର ଏବଂ ଆୟ ର ସ୍ତର ମାପିଥିଲୁ ଏବଂ ଏହାକୁ ଫେବୃଆରୀ ମାସର ପରିସ୍ଥିତି ସହିତ ତୁଳନା କରିଥିଲୁ |

ଚିତ୍ର 1: କାର୍ଯ୍ୟକଳାପ ସ୍ଥିତି ଦ୍ୱାରା ଚାକିରୀ ହରାଇଥିବା ଶ୍ରମିକମାନେ ଫେବୃଆରୀରେ ରିପୋର୍ଟ କରିଥିଲେ (%)




ସହରାଂଚଳ ଓଡିଶା ରେ ଅତି ପ୍ରଭାବିତ ୭୭ ପ୍ରତିଶତ ଉତ୍ତରଦାତା ତାଙ୍କର ଚାକିରୀ ହରାଇଥିଲେ |

ସହରାଂଚଳ ର ୯୭ ପ୍ରତିଶତ ସ୍ୱରୋଜଗାରୀ ଶ୍ରମିକ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇ ତାଙ୍କର ଜୀବିକା ହରାଇଥିଲେ |

ଅନିୟମିତ ଶ୍ରମିକ ଏବଂ ସ୍ୱରୋଜଗାର ଭିତ୍ତିକ କୃଷି ଶ୍ରମିକଙ୍କ ହାରାହାରି ସାପ୍ତାହିକ ରୋଜଗାର ରେ ୮୦ ପ୍ରତିଶତ ହ୍ରାସ ହୋଇଥିଲା |

୩୩ ପ୍ରତିଶତ ଗ୍ରାମାଂଚଳର ବେତନ ଭିତ୍ତିକ ଶ୍ରମିକ କହିଥିଲେ ଲକ୍ ଡାଉନ୍ ସମୟରେ ତାଙ୍କୁ ବେତନ ମିଳିନାହିଁ ଅଥବା କମ୍ ବେତନ ମିଳିଛି |

୧୦ ଜଣ ରୁ ୯ ଜଣ କୃଷକ କହିଥିଲେ ସେମାନେ ତାଙ୍କ ଉତ୍ପାଦ କୁ ଉଚିତ ମୂଲ୍ୟ ରେ ବିକି ପାରୁନାହାନ୍ତି |

ଚିତ୍ର 2: ବେତନ ଶ୍ରମିକ ଯେଉଁମାନେ ଲିଙ୍ଗ ଦ୍ୱାରା ଚାକିରୀ ହରାଇଲେ (%)



# ପରିବାର ଉପରେ ପ୍ରଭାବ

ଏହି ଅନୁଛେଦ ପରିବାର କିପରି ଚଳୁଛି ଯେମିତି ଲକ୍ ଡାଉନ ସମୟରେ ତାଙ୍କର ଖାଦ୍ୟର ଉପଯୋଗ ଏବଂ ସଂଚୟ ଓ ଋଣ ର ସ୍ଥିତି ସମ୍ପର୍କ ରେ ଦର୍ଶାଉଛି |

ଚିତ୍ର 3: ପରିଜନ ଅଂଶୀଦାର ଯଥେଷ୍ଟ ଟଙ୍କା ବିନା ସପ୍ତାହେ ର ଘରର ମୁଖ୍ୟ ଆୟ ଉତ୍ସ ଦ୍ଵାରା ଏସେନ୍ସିଆଲ୍ ର ମୂଲ୍ୟ ଅଧିକ କିଣିବାକୁ (%)




୯୨ ପ୍ରତିଶତ ସହରାଂଚଳ ପରିବାର ଗୁଡିକ ପୂର୍ବପେକ୍ଷା କମ୍ ଖାଦ୍ୟ ଖାଉଛନ୍ତି |

୧୦ ଜଣ ରୁ ୯ ଜଣ ପ୍ରବାସୀ କମ୍ ଖାଦ୍ୟ ଖାଉଛନ୍ତି |

ସାପ୍ତାହିକ ଗୁଜୁରାଣ ନିମନ୍ତେ ୪୩ ପ୍ରତିଶତ ପରିବାର ପାଖରେ ଯଥେଷ୍ଟେ ଅର୍ଥ ନାହିଁ, ଏହି ଅବସ୍ଥା ସହରାଂଚଳ ରେ ଆହୁରି ଖରାପ ରହିଛି ଯେଉଁଠାରେ ଏହି ହାର ୭୬ ପ୍ରତିଶତ |

ଦୁଇ ତୃତୀୟାଂଶ ପରିବାର ଯେଉଁମାନେ ମୁଖ୍ୟ ଆୟ ହିସାବରେ ବେତନ ଭିତ୍ତିକ ଥିଲେ ତାଙ୍କ ପାଖେ ଗୋଟିଏ ସପ୍ତାହ ରୁ ବେଶୀ ଦିନ ଗୁଜୁରାଣ ମେଣ୍ଟାଇବାକୁ ଅର୍ଥ ନାହିଁ |

୮୭ ପ୍ରତିଶତ ଘର କହିଥିଲେ ସେମାନେ ଆସନ୍ତା ମାସର ଘର ଭଡା ଦେବାକୁ ସମର୍ଥ ନୁହନ୍ତି |

ଚିତ୍ର 4: ପୂର୍ବ ତୁଳନାରେ କମ୍ ଖାଦ୍ୟ ଖାଉଥିବା ପରିବାରର ଅଂଶ (%)



# ରିଲିଫ୍ ସାମଗ୍ରୀ ପ୍ରାପ୍ତି ସମ୍ବନ୍ଧୀୟ

ଏହି ଅନୁଚ୍ଛେଦ ସରକାର ଦ୍ୱାରା ଘୋଷଣା କରାଯାଇଥିବା ରିଲିଫ୍ ଜନିତ ପଦକ୍ଷେପ ଲୋକଙ୍କ ପାଖରେ ପହଂଚିବା ଏବଂ ଏହା ଉପରେ ପଡିଥିବା ପ୍ରଭାବ ବିଷୟରେ ଅଧ୍ୟୟନ କରେ | ଆମ୍ଭେ ଖାଦ୍ୟ ରାସନ୍ ର ଉପଲବ୍ଧତା, ହିତାଧିକାରୀଙ୍କ ନିକଟକୁ ବ୍ୟାଙ୍କ ମାଧ୍ୟମରେ ଅର୍ଥ ପ୍ରେରଣ ଏବଂ ଅତିଗରିବ ପରିବାରକୁ ଦିଆଯାଉଥିବା ସୁବିଧା ବିଷୟରେ ଧ୍ୟାନ କେନ୍ଦ୍ରୀଭୁତ କରୁ |

ଚିତ୍ର 5: ଜନ ଧନ ସ୍ଥାନାନ୍ତର ପାଇଥିବା ଦୁର୍ବଳ ପରିବାରଗୁଡିକ (%)

n = 327




ପାଖାପାଖି ପ୍ରତି ୧୦ ଜଣରୁ ୯ ଜଣ ଅତିଗରିବ ପରିବାର ରାସନ ପାଇଥିଲେ |

୧୫ ପ୍ରତିଶତ ସହରାଂଚଳ ର ପରିବାର ରାସନ ପାଇନଥିଲେ |

୬୫ ପ୍ରତିଶତ ଅତିଗରିବ ପରିବାର ଙ୍କ ଜନ ଧନ ଖାତା ନଥିଲା, କିନ୍ତୁ ଜନ ଧନ ଖାତା ଥିବା ପରିବାର ମଧ୍ୟରୁ ୮୩ ପ୍ରତିଶତ ପରିବାର ବ୍ୟାଙ୍କ ମାଧ୍ୟମରେ ଅର୍ଥ ପାଇଥିଲେ |

୨୫ ପ୍ରତିଶତ ଅତିଗରିବ ପରିବାର ବ୍ୟାଙ୍କ ମାଧ୍ୟମରେ କୌଣସି ଅର୍ଥ ପାଇ ନଥିଲେ |

୩୭ ପ୍ରତିଶତ ସହରାଂଚଳରେ ବସବାସ କରୁଥିବା ଅତିଗରିବ ପରିବାର ବ୍ୟାଙ୍କ ମାଧ୍ୟମରେ କୌଣସି ଅର୍ଥ ପାଇ ନଥିଲେ ସେହି ତୁଳନା ରେ ଗ୍ରାମାଂଚଳ ରେ ଏହା ୧୭ ପ୍ରତିଶତ ପରିବାର ରହିଥିଲା |

ମାତ୍ର ୧୩ ପ୍ରତିଶତ ଚାଷୀ ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ମାଧ୍ୟମରେ ବ୍ୟାଙ୍କ ରେ ଅର୍ଥ ପ୍ରାପ୍ତି କରିଥିଲେ |

ଚିତ୍ର 6: ନଗଦ ସ୍ଥାନାନ୍ତର (%)

$n_f = 156$, $n_p = 178$




" ଆମ୍ଭେ ଆମର ଉତ୍ପାଦ ଗୁଡିକୁ ବିକ୍ରୀ କରି ପାରୁନାହୁଁ | ଘରେ ମହଜୁଦ୍ ଜିନିଷ ସବୁ ସରି ଆସିଲାଣି | କେବଳ ଚାଉଳ ଆମର ଏକ ମାତ୍ର ଆବଶ୍ୟକତା ନୁହେଁ |"

(ପୁରୁଷ, ୫୦, ପ୍ରାପ୍ୟ ମିଳିନଥିବା ହେଲପର୍)

# ସର୍ଭେ ପରିସୀମା

ଚିତ୍ର 7: ଫେବୃଆରୀରେ କାର୍ଯ୍ୟକଳାପ ସ୍ଥିତି ଅନୁଯାୟୀ ଉତ୍ତରଦାତାଙ୍କ ଅଂଶ (%)




ପ୍ରାୟ ୭୦ ପ୍ରତିଶତ ଉତ୍ତରଦାତା ଗ୍ରାମୀଣ ଅଂଚଳ ରେ କାର୍ଯ୍ୟ କରୁଥିଲେ |

୨୮ ପ୍ରତିଶତ ଉତ୍ତରଦାତା ପୁରୁଷ ଥିଲେ , ୭୧ ପ୍ରତିଶତ ମହିଳା ଏବଂ ୧ପ୍ରତିଶତ ତୃତୀୟ ଲିଂଗ ଥିଲେ |

ସମସ୍ତ ଉତ୍ତର ଦାତା ଙ୍କ ମଧ୍ୟରେ ୯୨ପ୍ରତିଶତ ହିନ୍ଦୁ , ୭ ପ୍ରତିଶତ ଖ୍ରୀଷ୍ଟିଆନ ଏବଂ ୧ ପ୍ରତିଶତ ମୁସଲିମ ଥିଲେ |

ସମସ୍ତ ନମୁନା ତଥ୍ୟ ମଧ୍ୟରୁ ୧୫ପ୍ରତିଶତ ପ୍ରବାସୀ ରହିଥିଲେ ଯେଉଁମାନେ ମୁଖ୍ୟତଃ ସହରାଂଚଳ ରେ ରହୁଥିଲେ |

ପାଖାପାଖି ୭୦ ପ୍ରତିଶତ ଉତ୍ତରଦାତା ଅନୁସୁଚିତ ଜାତି/ ଅନୁସୁଚିତ ଜନଜାତି ବର୍ଗ ର ଥିଲେ |

୯୧ ପ୍ରତିଶତ ନମୁନା ପରିବାର ଅତିଗରିବ ଥିଲେ ଅର୍ଥାତ୍ ସେମାନେ ଫେବୃଆରୀ ମାସରେ ୧୦,୦୦୦ଟଙ୍କା ରୁ କମ୍ ଆୟ କରିଥିଲେ |

# ରାଜ୍ୟ ରେ ଚାଲୁଥିବା ଅନ୍ୟାନ୍ୟ ସର୍ଭେ ର ପରିଣାମ

* ସେବା ଭାରତ ଦ୍ୱାରା ଅୟୋଜିତ ହୋଇଥିବା ଏକ ସର୍ଭେ ରେ ଉତ୍ତରଦାତା କହିଥିଲେ ରାଜ୍ୟ ସରକାର ରାସନ ବିତରଣ ରେ ବହୁତ କ୍ରିୟାନୁଶୀଳ ଥିଲେ ଏହା ଦ୍ୱାରା ସମସ୍ତେ ରାସନ ସୁଚାରୁରୂପେ ପାଇପାରିଥିଲେ |

* କୋଭିଡ୍-୧୯ ପ୍ରଭାବ ର ଅଧ୍ୟୟନ ଡାଲବର୍ଗ,ରୋଡ୍ ସ୍କଲାର ଗ୍ରୁପ୍ ଏବଂ ମିଳିତ ଭାବେ ଟ୍ରାନ୍ସ୍ ଫର୍ମ୍ ରୁରାଲ୍ ଇଣ୍ଡିଆ ଫାଉଣ୍ଡେସନ, ବିକାଶନ୍ୱେଷ ଫାଉଣ୍ଡେସନ ଏବଂ ସମ୍ବୋଧି ଦ୍ୱାରା ବିଭିନ୍ନ ରାଜ୍ୟରୁ ନିଆ ଯାଇଥିବା ନମୁନା ତଥ୍ୟ ମଧ୍ୟରେ ଓଡିଶା ର ତଥ୍ୟକୁ ଉପସ୍ଥାପନ କରିଥିଲେ |

ସମଗ୍ର ଦେଶରେ କରାଯାଇଥିବା ବିଭିନ୍ନ Covid-19 ସର୍ବେକ୍ଷଣ ଏବଂ ଅଧ୍ୟୟନଗୁଡ଼ିକର ସଂକଳନ ପାଇଁ ଦୟାକରି ପରିଦର୍ଶନ କରନ୍ତୁ: https://cse.azimpremjiuniversity.edu.in/covid19-analysis-of-impact-and-relief-measures/#other_surveys


ପ୍ରଶ୍ନଗୁଡିକ ପାଇଁ: **Centre for Sustainable Employment, Azim Premji University**
cse.azimpremjiuniversity.edu.in | cse@apu.edu.in